## ସଂକ୍ଷେପରେ

### ସୟା ପଞ୍ଚାୟତରେ ୨୧ ପ୍ରତିଯୋଗୀ ପୁରସ୍କୃତ

ତିହିଡ଼ି, ୧୧।୧୨(ଡି.ଏନ୍.ଏ.):ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତରେ ମଙ୍ଗଳବାର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଯୋଗ ଦେଇଥିବା ୧୨୦ ପ୍ରତିଯୋଗୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଝୋଟି, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୧ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ ମୁଖ୍ୟଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ନାୟକ ପୌରୋହିତ୍ୟ କରିଥିଲେ । ସମ୍ମାନିତ ଅତିଥିଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପଣ୍ଡା, ଏମପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ, ସମିତି ସଭ୍ୟ ହେମନ୍ତ ମଲିକ, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ ଯୋଗ ଦେଇ ଗ୍ରାମାଞ୍ଚଳର ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ । ଯୁବବାହିନୀ ସଭାପତି ମାନସ କୁମାର ସାହୁ, ସମ୍ପାଦକ ଦେବାଶିଷ ନାୟକ, ପରମାନନ୍ଦ ସେଠୀ, ମନମୋହନ ଦାସ, ସୁଜିତ ନାୟକ, ସୁଭାଶିଷ ନାୟକ, ରମେଶ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଧାନମଣ୍ଡି ଉଦ୍‌ଘାଟିତ

ବାସୁଦେବପୁର,୧୧।୧୨(ଡି.ଏନ.ଏ.): ବାସୁଦେବପୁର ବ୍ଲକର ବରଣ୍ଡା ସେବା ସମବାୟ ସମିତିର ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇ ସରକାରୀ ଭାବେ ଧାନ କିଣା ଆରମ୍ଭ କରାଯାଇଛି। ଉଦ୍‌ଘାଟନ ଉତ୍ସବରେ ଏସଏଆରସିଏସ ଲକ୍ଷ୍ମୀଧର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଣ୍ଡିଆ ସେବା ସମବାୟ ସମିତିର ସଭାପତି ନଗେନ୍ଦ୍ର ବିଶ୍ୱାଳ, ନରେନ୍ଦ୍ରନାଥ ବିହାରୀ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଧାନକ୍ରୟ କମିଟି ସଦସ୍ୟ କରୁଣାକର ବିଶ୍ୱାଳ, ସୁରେନ୍ଦ୍ର ପ୍ରସାଦ ପାତ୍ର, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ପରିଚାଳନା ପରିଷଦର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

# ବଡ଼ସିଂହାର ବେଶ ପାଇଁ ମିଳୁନି ଚନ୍ଦନ କାଠ

ଆରଡି, ୧୧।୧୨ (ଡି.ଏନ.ଏ.)


ବାବା ଆଖଣ୍ଡଳମଣିଙ୍କ ବଡ଼ ସିଂହାର ବେଶ ।

- ଆରଡି ଆଖଣ୍ଡଳମଣିଙ୍କ ପୂଜାନୀତିରେ ବିଭ୍ରାଟ ଆଶଙ୍କା
- ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସେବାୟତଙ୍କ ଚେତାବନୀ
- ସକାଳେ ଦିଗମ୍ବର, ଅପରାହ୍ନରେ ଯୋଗୀ ଓ ସଂଧ୍ୟାରେ ହୁଏ ବଡ଼ସିଂହାର ବେଶ

ଓଡ଼ିଶା ତଥା ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡିରେ ବାବା ଆଖଣ୍ଡଳମଣିଙ୍କ ବଡ଼ ସିଂହାର ବେଶର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହି ଅନିନ୍ଦ୍ୟ ବେଶ ଦର୍ଶନ ଲାଗି ଭକ୍ତଙ୍କ ଗହଳି ଲାଗିଥାଏ। ପ୍ରତିଦିନ ଭୋର ୫ ଟାରୁ ମନ୍ଦିର ପହୁଡ଼ ଖୋଲାଯିବା ପରେ ମଙ୍ଗଳ ଆଳତି ହୋଇ ବାବାଙ୍କୁ ଦିଗମ୍ବର, ଅପରାହ୍ନରେ ଯୋଗୀ ଓ ସଂଧ୍ୟାରେ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଏ । ଏହି ବେଶ ସକାଶେ ଚନ୍ଦନ କାଠ ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ଆବଶ୍ୟକତା ଅନୁସାରେ ପ୍ରଶାସନ ଏହି କାଠ ଯୋଗାଇ ପାରୁ ନ ଥିବାରୁ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବଡ଼ ସିଂହାର ବେଶରେ ପରମ୍ପରା ଅନୁଯାୟୀ ବାବା ଆଖଣ୍ଡଳମଣିଙ୍କ ମୁଖ ମଣ୍ଡଳରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚନ୍ଦନ ଲେପନ କରାଯାଏ । ସେଥିରେ ବାବାଙ୍କ ଚକ୍ଷୁ, ନାସା, କର୍ଣ୍ଣ, ଅଧର ଆଦି ରୋପଣ କରାଯାଏ । ବାବାଙ୍କ ଶରୀରର ଅବଶିଷ୍ଟ ଅଂଶରେ ବିଭିନ୍ନ ପ୍ରକାର ଫୁଲ ଖଚିତ କରାଯାଏ । ପ୍ରତିଦିନ ଚନ୍ଦନ କାଠ ଘୋରିବା ପାଇଁ ରାଜରାଜୁଡା ସମୟରୁ ମାଳି ସଂପ୍ରଦାୟ ନିୟୋଜିତ ହୋଇ କାର୍ଯ୍ୟ କରିଆସୁଛନ୍ତି। ମନ୍ଦିର ମଧ୍ୟରେ ଥିବା ଏକ ଛୋଟ କୋଠରିରେ ଚନ୍ଦନ ପ୍ରସ୍ତୁତ ହୋଇଥାଏ । ଏବେ ଦୀପକ ସାହୁ ନାମକ ଜଣେ ବ୍ୟକ୍ତି ଦାୟିତ୍ୱ ତୁଲାଉଛନ୍ତି। ସଂପ୍ରତି ଚନ୍ଦନ କାଠର ଚାହିଦା ବଢ଼ିବା ସାଙ୍ଗକୁ ବନ୍ୟଜାତ ଦ୍ରବ୍ୟ ଉପରେ ସରକାରୀ କଟକଣା ଯୋଗୁ ବାବାମଣିଙ୍କ ବେଶ ପାଇଁ ଆବଶ୍ୟକ ଚନ୍ଦନ କାଠମିଳୁ ନାହିଁ। ପାଳିଆ ଭାବେ ଦାୟିତ୍ୱ ତୁଲାଉଥିବା ସେବାୟତ ଦୈନନ୍ଦିନ ବଡ଼ସିଂହାର ବେଶ ପାଇଁ ଚଢ଼ା ଦର ଦେଇ ବଜାରରୁ ଚନ୍ଦନ କାଠ କିଣୁଛନ୍ତି। ଏହି କାଠ ଅଭାବ ସମସ୍ୟା ପ୍ରତି ମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ସେବାୟତମାନେ ଅଭିଯୋଗ କରି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

ବୟୋଜ୍ୟେଷ୍ଠ ସେବାୟତ ଗୋକୁଳାନନ୍ଦ ପାଢୀ କହିଛନ୍ତି, ବାପ, ଗୋସିବାପ ଅମଳରୁ ପାଳିଆ ଓ ମନ୍ଦିର ପ୍ରଶାସନ ଠାକୁରଙ୍କ ବିଭିନ୍ନ ବେଶ ପାଇଁ ଚନ୍ଦନ କାଠ ଯୋଗାଇ ଦେଉଥିଲେ । ମନ୍ଦିର ପ୍ରଶାସନ ଚନ୍ଦନ କାଠ ଯୋଗାଡ଼ କରିବା ଦିଗର ପଦକ୍ଷେପ ନ ନେବା ବିଡ଼ମ୍ବନା । ୧୯୮୨ ମସିହାରୁ ଆରଡି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଥିଲେ ବି ଏଠାକାର ବିଭିନ୍ନ ସମସ୍ୟା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉ ନାହିଁ । ମନ୍ଦିର ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲାଇ କହିଛନ୍ତି, ବର୍ତ୍ତମାନ ସମୟରେ ଚନ୍ଦନ କାଠ ମହଙ୍ଗା ହୋଇଛି। ଭଦ୍ରକ ପଲ୍ଲିଶ୍ରୀ ମେଳାରେ ଚନ୍ଦନ କାଠ ମିଳିବ ବୋଲି ସୂଚନା ମିଳିଥିଲା । ମାତ୍ର ତାହା ଉପଲବ୍ଧ ହେଲା ନାହିଁ । ବନ ବିଭାଗ କର୍ପୋରେଶନ ସହ ଯୋଗାଯୋଗ କରି ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯିବ ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଅନଶନ

ଭଦ୍ରକ ଅଫିସ,୧୧।୧୨

ନବନିର୍ମାଣ କୃଷକ ସଂଗଠନ ଡାକରାରେ ଭଦ୍ରକ ଜିଲାର କୃଷକ, କୃଷି ଶ୍ରମିକ ଏବଂ ଚାଷୀଭାଇ ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଦେଇଥିବା ପ୍ରତିକାତ୍ମକ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଥିଲା। ସଙ୍ଗଠନର ମୁଖ୍ୟ ଏବଂ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଆହ୍ୱାନରେ ଏହି ଅନଶନ ଦିଆଯାଇଥିବା କୁହାଯାଇଛି। ୭ ଦଫା ଦାବି ପୂରଣ ପାଇଁ ଜିଲାପାଳଙ୍କୁ ସଂଗଠନ ପକ୍ଷରୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା କିନ୍ତୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଧାନର ଅଭାବି ବିକ୍ରି, ଏଫଏକ୍ୟୁ ମାନ ନାରେ ଚାଷୀଙ୍କୁ ଶୋଷଣ ବନ୍ଦ କରିବା ପାଇଁ ଏହି ଅନଶନ ହୋଇଥିଲା । ମଙ୍ଗଳବାର ଜିଲାପାଳଙ୍କ ମୁଖ୍ୟଫାଟକରେ ତାଲା ପକାଇ ଅନଶନ କରିଥିବାରୁ ସାଧାରଣ ଲୋକ ନାନା ସମସ୍ୟା ଭୋଗିଥିଲେ। ଜିଲା ସହ ସଂଯୋଜକ ସତ୍ୟରଞ୍ଜନ ନାୟକ, ଆର୍ତ୍ତତ୍ରାଣ ତିୱାରୀ, ଭାଗବତ ମଲିକ, ସୁକାନ୍ତ କୁମାର ସାହୁ, ଗଗନ ଚନ୍ଦ୍ର ପାଗଳ ପ୍ରମୁଖ ଅନଶନରେ ସାମିଲ ଥିଲେ।

## ଅଟୋ ଚାଳକ ସଂଘ ପକ୍ଷରୁ ଚାନ୍ଦବାଲି-କଟକ ରାସ୍ତା ଅବରୋଧ

ଚାନ୍ଦବାଲି,୧୧।୧୨(ଡି.ଏନ.ଏ.)

ଯାତ୍ରୀ ପରିବହନକୁ ନେଇ ବିବାଦ କାରଣରୁ ଚାନ୍ଦବାଲି ଅଟୋ ଚାଳକ ସଂଘ ପକ୍ଷରୁ ଚାନ୍ଦବାଲି-କଟକ ମୁଖ୍ୟ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଏହି ରାସ୍ତାରେ ଗାଡି ଚଳାଚଳ ଓ ଯାତ୍ରୀ ପରିବହନ ବାଧାପ୍ରାପ୍ତ ହୋଇଥିଲା । ଭଦ୍ରକ ଜିଲାପାଳଙ୍କ ନିର୍ଦ୍ଦେଶରେ ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତ, ବିଡିଓ ଅଜାମ୍ବର ମହାନ୍ତି, ଥାନାଧିକାରୀ ମିନତି ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛନ୍ତି । ଦୁଇ ଜିଲାର ପ୍ରଶାସନର ସହଯୋଗରେ ୨୦ ତାରିଖରେ ସମାଧାନ କରାଯିବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି।

## ଶାରୀରିକ ବିକାଶରେ କ୍ରୀଡ଼ା ସହାୟକ

ଧାମନଗର,୧୧।୧୨(ଡି.ଏନ.ଏ.)

ଧାମନଗର ବ୍ଲକ ଧୂଷୁରୀସ୍ଥିତ ଆଇଜିଏମ କଲେଜରେ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ରାଜକିଶୋର ନାୟକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଶାରିରୀକ ବିକାଶରେ କ୍ରୀଡ଼ା ସହାୟକ ହୋଇଥାଏ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ । ଏଥିରେ ଦୁଇ ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଭଗବାନ ଚରଣ ନାୟକ ଏହାକୁ ପରିଚାଳନା କରିଥିଲେ । ଅଧ୍ୟାପକ ବ୍ରଜ ମୋହନ ନାୟକ, ଦିଲୀପ ମିଶ୍ର ପ୍ରମୁଖ କ୍ରୀଡା ପ୍ରତିଯୋଗିତାରେ ସହଯୋଗ କରିଥିଲେ ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


ବଳରାମ


ବନ୍ଦିତା


ନାରାୟଣ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ବାରିକପୁର କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଭଣ୍ଡାରିପୋଖରୀ, ୧୧।୧୨(ଡି.ଏନ.ଏ.)– ବାରିକପୁର ପଞ୍ଚାୟତ ଡିଗ୍ରୀ କଲେଜର ଅଷ୍ଟମ ବାର୍ଷିକ କ୍ରୀଡା ସୋମବାର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ରମେଶ ଚନ୍ଦ୍ର ବେଉରିଆଙ୍କ ସଭାପତିତ୍ୱରେ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ବନ୍ଦନା ପାତ୍ର, ଭୁବନେଶ୍ୱର ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଅଧକ୍ଷ ଡ. ମନମୋହନ ରାଉତ, ପୂର୍ବତନ ଅଧକ୍ଷ ମନୋଜ ପାଢୀ ଯୋଗ ଦେଇଥିଲେ। ଏହି କ୍ରୀଡା ଉତ୍ସବରେ ୨୩ଟି ବିଭାଗର ଖେଳରେ ୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ବିଶ୍ୱରଞ୍ଜନ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ଶ୍ରୀପିକା ରାଉତ, କୁନ୍ତଳା ନାୟକ ସହଯୋଗ କରିଥିଲେ।

## ମୟୂରଭଞ୍ଜ

### ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ

ଖୁଣ୍ଟା,୧୧।୧୨(ଡି.ଏନ.ଏ.): ଗୋପବନ୍ଧୁନଗର ବ୍ଲକ ଅଧୀନ ପସୁଦା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିନିତ ଭରଦ୍ୱାଜ ଯୋଗଦେଇ ବିଜ୍ଞାନ ଶିକ୍ଷାରେ ଗଭୀର ଭାବେ ମନ ନିବେଶ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବାରିପଦା ବନଖଣ୍ଡ ଅଧିକାରୀ ସୟମ ମଲିକ , ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ,ସାଙ୍ଗଠନିକ ସମ୍ପାଦକ ତଥା ଆୟୋଜକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଜେନ୍ଦ୍ର ନାଥ କଟୁଆଳ ଯୋଗଦେଇଥିଲେ । ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲା ଭାରପ୍ରାପ୍ତ ବିଜ୍ଞାନ ପରିଦର୍ଶକ ଜଗନାଥ ସାହୁ ଧନ୍ୟବାଦ ଜଣାଇଥିଲେ ।

### ଚେତନା ବିକାଶ କାର୍ଯ୍ୟକ୍ରମ

ବିଶୋଇ,୧୧।୧୨: ବିଶୋଇ ବ୍ଲକ ଅନ୍ତର୍ଗତ ମଣଦାସ୍ଥିତ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସାନ୍ତାଳୀ ଭାଷା ବିଜ୍ଞାନ ସମ୍ବନ୍ଧ ସାଧାରଣ ଜ୍ଞାନ ଓ ଚେତନା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭାରତୀୟ ସାନ୍ତାଳୀ ଯୁବ ସଙ୍ଗଠନର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ହାଁସଦା, ଆତକୀର ସମ୍ପାଦକ କବୀର, ଆତକୀର ସାନ୍ତାଳୀ ମିଡିଆ ଗ୍ରୁପର କ୍ଷେତ୍ରବାସୀ ମୁର୍ମୁ, ଗଣେଶ ହାଁସଦା, ବାସୁଦେବ ମୁର୍ମୁ, ବୁଲୁ ମାଣ୍ଡି, ସୁମିତ ସେନ ଟୁଡୁ, ବୁଦ୍ଧଦେବ ଟୁଡୁ ପରିଚାଳନା କରିଥିଲେ ।

### ଆତ୍ମରକ୍ଷା ତାଲିମ ଶିବିର

ବିଶୋଇ,୧୧।୧୨ : ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଅଶନାସ୍ଥିତ ଖଡ଼ିଆଶାଳଠାରେ ଥିବା ଗୌରୀଶଙ୍କର କନିଷ୍ଠ ମହାବିଦ୍ୟାଳୟ ପରିସରରେ ଏକ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ମହାବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧାପକ ସୁମନ୍ତ କର, ଛାୟାକାନ୍ତ ଗିରି, ପ୍ରଦୀପ ସାହୁ, କ୍ଷୀରୋଦ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ ମହିଳା ଆତ୍ମରକ୍ଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଏଥିରେ ମହାବିଦ୍ୟାଳୟର ୭୩ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି । ଅଧାପକ ଦୀପକ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲାସ୍ତରୀୟ ବିଜ୍ଞାନ ମେଳା: ୨୧୦ ପ୍ରକଳ୍ପ ପ୍ରଦର୍ଶିତ



ଜିଲାସ୍ତରୀୟ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ବାରିପଦା,୧୧।୧୨

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପଶୁଦା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବିନିତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ, ଜିଲା ବିଜ୍ଞାନ ସୁପରଭାଇଜର ଜଗନ୍ନାଥ ସାହୁ, ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ କଟୁଆଳ ଯୋଗ ଦେଇଥିଲେ। ସଭାରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସଭାପତିତ୍ୱ କରିଥିଲେ। ଶିକ୍ଷକ ବଙ୍କିମ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୋଟ ୨୧୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାରିପଦା ବ୍ଲକ ଶିକ୍ଷା ଅଧୀକାରୀ ପ୍ରଜ୍ଞା ପାରମିତା ଜେନା, ସିଆରସିସି ସୁବୋଧ ଦାସ, ସୁଦର୍ଶନ ପଣ୍ଡା, ତପନ କୁମାର ବାରିକଳ ବେଣୁଧର ଚାନ୍ଦ, ରଣଜିତ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଡ. ହୃଦାନନ୍ଦ ଆଟୋଇଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ୧୩୪ ପ୍ରକଳ୍ପ ପାଇଁ ୩.୬୦ କୋଟି

କୋଷ୍ଠା,୧୧।୧୨

ଶୁଳିଆପଦା ହାଇସ୍କୁଲ ପଡିଆରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପିଡି. ଡିଆରଡିଏ, ଶୁଳିଆପଦା ବି.ଡି.ଓ., ବ୍ଲକ ଅଧକ୍ଷ, ଉପାଧକ୍ଷା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭିଡିଓ କନଫରେନ୍ସିଂ ଜରିଆରେ ମୋଟ ୧୩୪ ପ୍ରକଳ୍ପ ପାଇଁ ୩ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁରୀ ଘୋଷଣା କରିଥିଲେ । ଶେଷରେ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା।

### ପିକ୍‌ଅପ୍ ଧକ୍କାରେ ବୃଦ୍ଧ ଗୁରୁତର

ବାଙ୍ଗିରିପୋଷି,୧୧।୧୨(ଡି.ଏନ.ଏ.)

ବାଙ୍ଗିରିପୋଷି ଥାନା ଅଞ୍ଚଳରେ ମଙ୍ଗଳବାର ଏକ ସିଲିଣ୍ଡର ବୋଝେଇ ପିକଅପ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ବାଉଁସବୁଦି ଗ୍ରାମର ରାମଚନ୍ଦ୍ର ନାଏକ(୬୫)ଙ୍କୁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ଘଟାଇ ଭ୍ୟାନ ଚାଳକ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଧୂମ ଛେଚିଛନ୍ତି। ବାଙ୍ଗିରିପୋଷି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

### ଅଳଙ୍କାର, ଟଙ୍କା ଲୁଟ୍

ରାଇରଙ୍ଗପୁର, ୧୧।୧୨(ଡି.ଏନ.ଏ.)

ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ହାଟବାଦଡା ନିକଟସ୍ଥ ଅଣ୍ଡିରାଡୁକୁରା ଗ୍ରାମର ଅଶୋକ କୁମାର ବେହେରାଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗେଟ ତାଲା ଭାଙ୍ଗି ୮୦ ହଜାର ଟଙ୍କାର ଅଳଙ୍କାର ଓ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ପୋଲିସ ୮୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବାଲେଶ୍ୱର ଏକାଦଶ ଟିମ୍ ବିଜୟୀ

ବାରିପଦା ଅଫିସ,୧୧।୧୨

ବାରିପଦା ଲେଟକଟ କ୍ଲବ ଦ୍ୱାରା ଆୟୋଜିତ ୨୮ ତମ ସର୍ବଭାରତୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବାରିପଦା ଉପନଗରପାଳ ଜିତେନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଏବଂ ଲେଟକଟ କ୍ଲବ ସଭାପତି ଗିରିଶ ଚନ୍ଦ୍ର ଦାସ, ସାମାଜିକ କର୍ମୀ ଡ.ସୁକୁମାର ଦାସ, ଦେବାଶିଷ ପାତ୍ର, ରିନା ଦାସ, ସଞ୍ଜୀବ ଦ୍ୱିବେଦୀ ଓ ବିଜୟ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନି ମ୍ୟାଚ ଲେଟକଟ କ୍ଲବ ଓ ବାଲେଶ୍ୱର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲେଟକଟ କ୍ଲବ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୩୯ ରନ ସଂଗ୍ରହ କରିଥିଲା। ବାଲେଶ୍ୱର ଏକାଦଶ ୪.୩ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ଏହି ମ୍ୟାଚରେ ସେଖ ଆମଜିଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷିତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ମୟୂରଭଞ୍ଜ ଏକାଦଶ ଏବଂ ଭଦ୍ରକ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ଏକାଦଶ ବିଜୟୀ ହୋଇଥିଲା। ପ୍ରଥମ ଦିନରେ ବାଲେଶ୍ୱର ଏକାଦଶ ଓ ଭଦ୍ରକ ଏକାଦଶ କ୍ୱାଟର ଫାଇନାଲକୁ ପ୍ରବେଶ କରିଛନ୍ତି। ଏହି ମ୍ୟାଚରେ ସୁଦର୍ଶନ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ।


ବିଜୟୀ ଦଳର ଖେଳାଳି ଓ ଅତିଥି ବୃନ୍ଦ।

## ଉଦ୍ୟୋଗ ବିକାଶ ତାଲିମ ଶିବିର

ବାରିପଦା ଅଫିସ,୧୧।୧୨

ମୟୂରଭଞ୍ଜ ଜିଲା ଶିଳ୍ପ କେନ୍ଦ୍ର ଦ୍ୱାରା ପ୍ରାୟୋଜିତ ୧୨ ଦିନିଆ ଉଦ୍ୟୋଗ ବିକାଶ ତାଲିମ ଶିବିର ସ୍ଥାନୀୟ ପୋଡାଅସ୍ତିଆସ୍ଥିତ ଡିଭାଇନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜିରେ ଉଦ୍‌ଯାପିତ ହୋଇଯାଇଛି। ଶାମାଖୁଣ୍ଟା ବ୍ଲକର ୩୦ ଯୁବତୀଯୁବକ ଏଠାରେ ତାଲିମ ନେଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲା ଶିଳ୍ପ ତାଲିମ କେନ୍ଦ୍ରର ଜେନେରାଲ ମ୍ୟାନେଜର ଇଂ ନୀଳମଣି ପ୍ରେମଚାନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟର ପୂର୍ବତନ ଉପନିର୍ଦ୍ଦେଶକ ଭୁବନ ମୋହନ ମହାନ୍ତ, ଡିଭାଇନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିବା ସହିତ ଆତ୍ମବିଶ୍ୱାସର ସହିତ କାମ କଲେ ସଫଳତାର ଶୀର୍ଷରେ ପହଞ୍ଚିବା ସମ୍ଭବ ବୋଲି କହିଥିଲେ। ଡିଭାଇନର ଡିନ ଡ.ରଣଜିତ କୁମାର ସାହୁ ଶିବିରକୁ ସଂଯୋଜନା କରିଥିଲେ। ବ୍ଲକ ଆଇପିଓ ଶ୍ୟାମ ସୁନ୍ଦର ହାଁସଦାଙ୍କ ସଂଯୋଜନାରେ ପରିଚାଳିତ ଏହି ଶିବିରକୁ କଟକସ୍ଥିତ ଆଇ.ଏମ.ଏସ. ର ନିର୍ଦ୍ଦେଶକ ଡ. ଅଂଶୁମାନ ଦାସ ଉଦ୍‌ଘାଟନ କରିଥିଲେ।

ଶିବିରରେ ଗୋ ପାଳନ, ମତ୍ସ୍ୟ ଚାଷ, କୁକୁଡା ଚାଷ, ଘାସ ଚାଷ, ଅର୍ଥନୈତିକ ପରିଚାଳନା, ଆତ୍ମବିଶ୍ୱାସ ସହ ପରିସ୍ଥିତି ନିୟନ୍ତ୍ରଣ ଆଦି ତାଲିମ ପ୍ରଦାନ କରାଯାଇଥିଲା। ସେହିପରି ଡିଆଇସିର ବିଭିନ୍ନ ସେବା ଓ ବ୍ୟାଙ୍କରୁ ମିଳୁଥିବା ବିଭିନ୍ନ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ବିଦ୍ୟୁତ୍ ତାର ଛିଣ୍ଡି ଜଳିଗଲା ଧାନ ଗଦା

କପ୍ତିପଦା, ୧୧।୧୨(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍ ଅଧୀନ ଶାଳଚୁଆ ପଞ୍ଚାୟତ ସୋଲଗଡ଼ିଆ ଗ୍ରାମରେ ମଙ୍ଗଳବାର ସକାଳେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଏହି ଅଗ୍ନିକାଣ୍ଡରେ ଉକ୍ତ ଗ୍ରାମର ପ୍ରମୋଦ ବିଶ୍ୱାଳଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ କପ୍ତିପଦା ଦମକଳବାହିନୀର ଦୁଇଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ପ୍ରମୋଦ ନିଜ ଖଳାରେ ଧାନ ଅମଳ ମେଶିନ ସାହାଯ୍ୟରେ ଧାନ ଅମଳ କରୁଥିବା ବେଳେ ବିଦ୍ୟୁତ୍ ଖୁଣ୍ଟରୁ ଘରକୁ ଯାଇଥିବା ସର୍ଭିସ ତାରଟି ହଠାତ୍ ଛିଡି ଯାଇଥିଲା । ଫଳରେ ଧାନ ଗଦା ଓ ଅମଳ ଧାନରେ ନିଆଁ ଲାଗିଯିବା ସହିତ ନିକଟରେ ଥିବା ୧୧ ଡ୍ରମ୍ ପିଚୁ ପ୍ରାଇମରୁ ୧୦ ଡ୍ରମ ଜଳିଯାଇଥିଲା । ୯ ପିଚୁ ପ୍ରାଇମର ଡ୍ରମର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ଧାନ ଗଦା ସହିତ ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅମଳ କରାଯାଉଥିବା ଧାନ ଜଳିଯାଇଥିଲା। ଖବରପାଇ ଶାଳଚୁଆ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।


ଅଗ୍ନିକାଣ୍ଡରେ ଧାନଗଦା ଓ ପିଚୁ ଡ୍ରମ ଜଳିଯାଉଛି ।

### ବ୍ୟବସାୟୀଙ୍କ ଆତ୍ମହତ୍ୟା

ଖୁଣ୍ଟା,୧୧।୧୨(ଡି.ଏନ.ଏ.)

ଖୁଣ୍ଟା ଥାନା ଅଧୀନ ଖୁଣ୍ଟା-ବାରିପଦା ରାଜ୍ୟ ରାଜପଥର ପୁରୁଣାପାଣିରେ ଦୋକାନ କରିଥିବା ଜନୈକ ଗହଣା ବ୍ୟବସାୟୀ ଆତ୍ମହତ୍ୟା କରିଥିବା ଜଣାଯାଇଛି । ବୈଶିଙ୍ଗା ଥାନା ଅଧୀନ ଅଁଳା ଗ୍ରାମର ରୁଦ୍ରନାରାୟଣ ଜେନା (୩୫)ଙ୍କ ପତ୍ନୀ ସସ୍ମିତା ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସ ଥିବାବେଳେ ରୁଦ୍ରନାରାୟଣ ପୁରୁଣାପାଣି ଛକରେ ଏକ ଗହଣା ଦୋକାନ କରିଥିଲେ । ଉଭୟ ଖୁଣ୍ଟା ଥାନା ଅଧୀନ କମଳି ଗ୍ରାମରେ ଭଡ଼ା ଘରେ ରହୁଥିଲେ। ସୋମବାର ସନ୍ଧ୍ୟାରେ ଘରୋଇ କଳହକୁ କେନ୍ଦ୍ରକରି ରୁଦ୍ରନାରାୟଣ ନିଜ ଶୋଇବା ଘରେ ବେକରେ ଲୁଗା ଲଗାଇ ସିଲିଂ ଫ୍ୟାନରେ ଝୁଲିପଡିଥିଲେ । ସସ୍ମିତା ଓ ପଡୋଶୀମାନେ କବାଟ ଭାଙ୍ଗି ତାଙ୍କୁ ଡୁକୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଧାନଝଡା ମେଶିନରେ ପଡି ଶ୍ରମିକ ଗୁରୁତର

**ରାଇରଙ୍ଗପୁର, ୧୧।୧୨(ଡି.ଏନ.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାତିବାରୀ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଧାନଖଳାରେ ଥିବା ଏକ ଧାନଝଡା ମେଶିନରେ ପଡି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତରଜଣକ ବିଶୋଇ ଥାନା ବାଉତିବେଡା ଗ୍ରାମର ଭକ୍ତ ସୋରେନ ବୋଲି ଜଣାପଡିଛି। ଖବର ପାଇ ବିଜାତଳା ଦମକଳ ବାହିନୀ ପହଞ୍ଚି ଗୁରୁତର ଭକ୍ତଙ୍କୁ ଉଦ୍ଧାର କରି ପ୍ରଥମେ ରାଇରଙ୍ଗପୁର ହସ୍ପିଟାଲ ଓ ପରେ ପିଆରଏମ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି।

### ଦ୍ୱାରଶୁଣି ଘାଟିରେ ଜଳିଗଲା ଟ୍ରକ

**ବାଙ୍ଗିରିପୋଷି,୧୧।୧୨(ଡି.ଏନ.ଏ.):** ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣି ଘାଟିରେ ମଙ୍ଗଳବାର ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଏହାର ସମ୍ମୁଖ ଭାଗ ଜଳିଯାଇଛି। ଗାଡି ଡ୍ରାଇଭର ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଏକ ସିମେଣ୍ଟ ବୋଝେଇ ଟ୍ରକ ବାଙ୍ଗିରିପୋଷି ପଟକୁ ଓହ୍ଲାଉଥିବା ବେଳେ ଭାରସାମ୍ୟ ହରାଇ ସୁରକ୍ଷା ବାଡରେ ବାଡେଇ ହେବାରୁ ସେଥିରେ ନିଆଁ ଲାଗି ଯାଇଥିଲା। ଖବର ପାଇ ବାଙ୍ଗିରିପୋଷି ପୋଲିସ ଓ ଦମକଳ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ ।

## ■ ବଜ୍ରକାପ୍ତା ଚାଲାଣର ଫିଟୁଛି ଗୁମର

# ଆଉ ୬ ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ/ଉଦଳା (ଡି.ଏନ.ଏ.)୧୧।୧୨**



ଗିରଫ ୬ ଅଭିଯୁକ୍ତ।

■ବାରିପଦାରୁ ନିୟନ୍ତ୍ରିତ ହେଉଥିଲା ର୍ୟାକେଟ

■ଯାଞ୍ଚ ବେଳେ ମିଳିଲା ହାତୀ ଦାନ୍ତ

■ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୦କୁ ବୃଦ୍ଧି

ବିଲୁପ୍ତପ୍ରାୟ ବନ୍ୟପ୍ରାଣୀ ବଜ୍ରକାପ୍ତା ଶିକାର ଓ ଚୋରାଚାଲାଣ ଘଟଣାର ଗୁମର ଫିଟିବାରେ ଲାଗିଛି। ବଜ୍ରକାପ୍ତା ଶିକାର କରି ଏହାର ଚମଡା, କାତି ଓ ମାଂସ ବିଦେଶକୁ ଚାଲାଣ ହେଉଥିଲା। ପ୍ରଥମେ ୪ ଜଣ ଚୋରା ବେପାରୀଙ୍କୁ ଧରାଯିବା ପରେ ଏହା ପଛରେ ଏକ ବଡ଼ ଧରଣର ର୍ୟାକେଟ ସକ୍ରିୟ ଥିବା ସନ୍ଦେହ କରାଯାଉଥିଲା। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ତନାଘନା ଜାରି ରଖି ମଙ୍ଗଳବାର ଆଉ ୬ଜଣଙ୍କୁ ଗିରଫ କରିଛି। ଉଦଳା ଓ ବାରିପଦାର ବିଭିନ୍ନ ସ୍ଥାନରେ ଚଢାଉ ବେଳେ ଏମାନଙ୍କୁ ଧରାଯିବାବେଳେ ଜଣଙ୍କ ଘରୁ ୫ଶହ ଗ୍ରାମର ଏକ ହାତୀ ଦାନ୍ତ ଉଦ୍ଧାର କରାଯାଇଛି। ଏଥିରୁ ଶିମିଳିପାଳ ଅଭୟାରଣ୍ୟ ଓ ଏହା ଆଖପାଖ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର କିଭଳି ଅବାଧରେ ଚାଲିଥିଲା ତାହା ପଦାକୁ ଆସିଛି।

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ଗତ ୭ ତାରିଖ ରାତିରେ ମୟୂରଭଞ୍ଜ ଜିଲାର ଉଦଳା ଅଞ୍ଚଳରେ ଚଢାଉ କରି ୪ ଜଣଙ୍କୁ ଗିରଫ କରି ଜେରା କରିଥିଲା। ସେମାନଙ୍କଠାରୁ ଉକ୍ତ ର୍ୟାକେଟ ସମ୍ପର୍କରେ କେତେକ ସୂଚନା ମିଳିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଦେବେନ୍ଦ୍ର ଦାସ ଓ ରଘୁନାଥ ବେହେରା ନାମକ ୨ ଜଣଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ଟିମ୍ ୨ ଦିନିଆ ରିମାଣ୍ଡରେ ନେଇଛି। ମଙ୍ଗଳବାର ଏହାର ଅବଧି ଶେଷ ହୋଇଛି। ଦୁଇଦିନ ଧରି ଡିଏସପି ତେଜରାଜ ପଟେଲଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ୍ ଉଭୟ ଉଦଳା ଓ ବାରିପଦା ଅଞ୍ଚଳରେ ଚଢାଉ କରି ର୍ୟାକେଟ ସମ୍ପର୍କରେ କେତେକ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି। ମଙ୍ଗଳବାର ଉଦଳା ଥାନା ଅଧୀନ ଆମ୍ବଡିହି କଲୋନୀରେ ଚଢ଼ାଉ ସମୟରେ ଚୋରାଚାଲାଣରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯିବା ସହ ଜଣେ ଅଭିଯୁକ୍ତଙ୍କ ଘରୁ ହାତୀ ଦାନ୍ତ ଜବତ ହୋଇଛି। ଏଥିରୁ ବିଭିନ୍ନ ବନ୍ୟପ୍ରାଣୀ ଶିକାରରେ ଉକ୍ତ ର୍ୟାକେଟରେ ସମ୍ପୃକ୍ତି ଥିବା ସୂଚନା ମିଳିଛି।

ମଙ୍ଗଳବାର ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଅଗ୍ନେଶର ନାଏକ, ଗୋପୀନାଥ ନାଏକ, ମନମୋହନ ନାଏକ, ପ୍ରତାପ ନାଏକ, କେଶବ ଦେହୁରୀ ଓ ସେବାକର ଦେହୁରୀ। ଅଗ୍ନେଶରଙ୍କ ଘରୁ ହାତୀ ଦାନ୍ତ ଜବତ ହୋଇଛି। ଡିଏସପି ପଟେଲ ଓ ଅନ୍ୟ ଅଧିକାରୀମାନେ ବାରିପଦା ବିଜୁ ପଟ୍ଟନାୟକ ଛକସ୍ଥିତ ଏକ ହୋଟେଲରେ ମଧ୍ୟ ଚଢାଉ କରିଥିଲେ। ପୂର୍ବରୁ ଗିରଫ ହୋଇଥିବା ଦେବେନ୍ଦ୍ର ଦାସ ନାମକ ଜଣେ ଅଭିଯୁକ୍ତ ଉକ୍ତ ହୋଟେଲରେ ଦୀର୍ଘଦିନ ଧରି ରହୁଥିଲେ। କ୍ରାଇମବ୍ରାଞ୍ଚ ଟିମ୍ ଚଢାଉର ଦିନକ ପୂର୍ବରୁ ଦେବେନ୍ଦ୍ରଙ୍କ ସମ୍ପର୍କୀୟ ବୋଲି ଜଣେ ବ୍ୟକ୍ତି ପରିଚୟ ଦେଇ ତାଙ୍କ ରୁମରୁ ସମସ୍ତ ସାମଗ୍ରୀ ନେଇଯାଇଥିବା କୁହାଯାଉଛି। କ୍ରାଇମ ବ୍ରାଞ୍ଚ କେବଳ ଗ୍ରାହକ ରେଜିଷ୍ଟାର ବୁକ୍ ସିଜ କରି ଫେରିଛି। ହୋଟେଲରେ ଲାଗିଥିବା ସିସି ଟିଭି କ୍ୟାମେରାକୁ ଆଧାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବାକୁ ଚେଷ୍ଟା କରାଯାଉଛି ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ଉଲ୍ଲେଖନୀୟ ଯେ, ଅଭିଯୁକ୍ତ ଦେବେନ୍ଦ୍ର ଏହି ଲଜ୍‌ର ରୁମ୍ ନଂ. ୩୦୩ରେ ଗତ ଅକ୍ଟୋବର ୨୦ ତାରିଖରୁ ରହି ଆସୁଥିଲେ। ସେ ମାର୍କେଟିଂ କାର୍ଯ୍ୟ କରୁଥିବା ଲଜ୍ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ତାଙ୍କ ନିକଟକୁ କେତେକ ଲୋକ ନିୟମିତ ଯିବାଆସିବା କରୁଥିଲେ। ଦେଶ ବାହାରକୁ ବଜ୍ରକାପ୍ତା ଚାଲାଣ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଖୋଳତାଡ ଜାରି ରହିଥିବା କ୍ରାଇମ ବ୍ରାଞ୍ଚ ଡିଏସପି ପଟେଲ କହିଛନ୍ତି।

## ■ ବାଇକ୍‌କୁ ପିଟିଲା ଡମ୍ଫର, ୨ ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଟାୟାର୍ ଜାଳି ଓ ଗଛଡାଳ ପକାଇ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ସୋର, ୧୧।୧୨(ଡି.ଏନ.ଏ.)**

ସୋର ଥାନା ଅଧୀନ ସୋର-ମଙ୍ଗଳପୁର ରାସ୍ତା ଆଙ୍ଗୁଳା ଛକଠାରେ ମଙ୍ଗଳବାର ଏକ ପଥର ବୋଝେଇ ଡମ୍ଫର ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଶାନ୍ତ ପରିଡ଼ା ଓ ଅରୁଣ ରାଉତ। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ରାସ୍ତା ଅବରୋଧ କରିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ କୌଣସି ଯାନବାହନ ଚଳାଚଳ କରିପାରି ନ ଥିଲା । ଘଟଣାସ୍ଥଳକୁ ସୋର ତହସିଲଦାର ଦେବୀପ୍ରସନ୍ନ ଦାଶ ଓ ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡ଼କ୍ରସରୁ ୨୦ହଜାର ଟଙ୍କା କ୍ଷତିପୂରଣ ଦେବା, ସ୍କୁଲ ସମୟରେ ଉକ୍ତ ରାସ୍ତାରେ ଟ୍ରକ ଚଳାଚଳକୁ ବନ୍ଦ ରଖିବା ଆଦି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

ବାଗୁଡ଼ି ପଥର ଖାଦାନରୁ ପଥର ବୋଝେଇ କରି ଏହି ଡ଼ମ୍ଫର ସୋର ଅଭିମୁଖେ ଆସୁଥିବା ବେଳେ ଆଙ୍ଗୁଳା ଛକଠାରେ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୋର ଥାନା ସାଉଡ୍ଡ ପଞ୍ଚାୟତର ପାଖଡ଼ା ଗ୍ରାମର ପ୍ରଶାନ୍ତଙ୍କର ମୃତ୍ୟୁ ଘଟିଥିଲା। ଅରୁଣଙ୍କୁ ଗୁରୁତର ଅବସ୍ଥାରେ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବାଲେଶ୍ୱର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା। ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ସୋର ଥାନାରେ ମାମଲା (ନଂ.୫୧୯/୧୮) ରୁଜୁ ହୋଇଛି।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱର୍କ ନୁହେଁ ସ୍ମାର୍ଟଓ୍ୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**

**ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ:** ଆଲୋକ କାନୁନ୍‌ଗୋ (୯୯୩୭୨୭୪୩୭୬/୮୨୪୯୫୮୪୦୧୦)

**ଭଦ୍ରକ:** ଦେବରାଜ ସାମଲ (୯୯୩୮୧୩୭୭୪୬)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

# କୁଳେଇପଦାରେ ହେବ ସାଇନ୍ସ ପାର୍କ

**ଭଦ୍ରକ ଅଫିସ,୧୧।୧୨**

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ କୁଳେଇପଦାଠାରେ ସାଇନ୍ସପାର୍କ ସ୍ଥାପନ କରାଯିବ ବୋଲି ରାଜ୍ୟ ସରକାର ମୋହର ଲଗାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେଠାରେ ପାର୍କ ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବଶୀଘ୍ର ଅତିରିକ୍ତ ଜିଲାପାଳ କ୍ଷେତ୍ରୀୟ ତଦନ୍ତ ପାଇଁ ଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି। ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଆରଡି ଯିବା ରାସ୍ତା ପାର୍ଶ୍ୱରେ ଏହି ପାର୍କ କରାଯାଉଥିବାରୁ ଅଞ୍ଚଳବାସୀ ଏହାକୁ ସ୍ୱାଗତ କରିଛନ୍ତି । ରାଜ୍ୟସରକାର ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାରେ ଜିଲାସ୍ତରୀୟ ସାଇନ୍ସ ପାର୍କ ସ୍ଥାପନ ପାଇଁ ଯୋଜନା ରଖିଛନ୍ତି। ଭଦ୍ରକ ଜିଲା ଆରଡି ନିକଟସ୍ଥ କୁଳେଇପଦାରେ ଏହି ସାଇନ୍ସ ପାର୍କ ସ୍ଥାପନ ଲାଗି ୫ ଏକର ଜମି ଚାନ୍ଦବାଲି ତହସିଲଦାର ଚିହ୍ନଟ କରି ପୂର୍ବରୁ ରିପୋର୍ଟ ପ୍ରଦାନ କରିଥିଲେ।

## ଆଦେଶ ଅବମାନନା କରି ଶିକ୍ଷୟିତ୍ରୀ ନିଲମ୍ବିତ

**ବାଲେଶ୍ୱର ଅଫିସ,୧୧।୧୨**

ବିଭାଗୀୟ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାଦେଶ ଅବମାନନା ଅଭିଯୋଗରେ ବାଲେଶ୍ୱର ମ୍ୟୁନିସିପାଲିଟିର ସହଦେବଖୁଣ୍ଟାସ୍ଥିତ ବାଳାଶ୍ରମ ନୋଡ଼ାଲ ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଜ୍ୟୋସ୍ନାରାଣୀ ସ୍ୱାଇଁଙ୍କୁ ମଙ୍ଗଳବାର ସଦର ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ବାଳାଶ୍ରମ ନୋଡ଼ାଲ ୟୁପି ସ୍କୁଲର ପ୍ରଧାନଶିକ୍ଷକ ନ ଥିବାରୁ କିଛିଦିନ ପୂର୍ବରୁ ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଭାବେ ଜ୍ୟୋସ୍ନାରାଣୀ କାର୍ଯ୍ୟ ତୁଲାଉଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜିତା ମହାନ୍ତି ବିଦ୍ୟାଳୟରେ ଯୋଗଦେବା ପରେ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ଅଫିସରୁ ଲିଖିତ ନିର୍ଦ୍ଦେଶନାମା ମିଳିଥିଲା। ତେବେ ମଧ୍ୟାହ୍ନଭୋଜନ ଖାଦ୍ୟ ବଣ୍ଟନରେ ଅନିୟମିତତା, ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅଣଦେଖା କରାଯିବା ଅଭିଯୋଗ କରି ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଘଟଣାର ଅନୁଧ୍ୟାନ ପରେ ସଦର ବ୍ଲକ ଅଫିସ ଆଦେଶ ନଂ . ୩୪୭୪, ତା୧୧।୧୨।୧୮ରିଖ ଅନୁଯାୟୀ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଶିକ୍ଷାବିଭାଗ ସୂତ୍ରରୁ ଜଣାପଡିଛି।

## ସରକାରୀ ଗୋଦାମ ଉପରେ ଚଢ଼ାଉ

**ବାସୁଦେବପୁର, ୧୧।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ରାହ୍ମଣଗାଁ ପଞ୍ଚାୟତରେ ଥିବା ଏକ ସରକାରୀ ଚାଉଳ ଗୋଦାମଗୃହ ଉପରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାସୁଦେବପୁର ତହସିଲଦାର ପ୍ରକାଶ ଚନ୍ଦ୍ର ରାଉଳ ଓ ଯୋଗାଣ ନିରୀକ୍ଷକ ବିଭୀଷଣ ନାଏକ ପ୍ରମୁଖ ଗୋଦାମରେ ପହଞ୍ଚି ମହଜୁଦ ଚାଉଳ, ଗହମର ଯାଞ୍ଚ କରିଥିଲେ। ହିସାବ ଠାରୁ ଅଧିକ ଷ୍ଟକ୍ ଥିବା ଜଣାପଡିବାରୁ ଏ ନେଇ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଛି ବୋଲି ତହସିଲଦାର ପ୍ରକାଶ ଚନ୍ଦ୍ର ରାଉଳ କହିଛନ୍ତି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

